# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

**06 December – 2025**

*******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଆଗାମୀ ଦିନରେ ବୈଶ୍ୱିକ ଶକ୍ତି କ୍ଷେତ୍ରରେ ନିର୍ମାଣର କେନ୍ଦ୍ରସ୍ଥଳୀ ହେବ; କହିଲେ ମୁଖ୍ୟମନ୍ତ୍ରୀ

– ପୁରୀରେ ଉଦ୍‌ଘାଟିତ ହେଲା ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫

- ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ବିଧାନସଭାରେ ଜାରି ରହିଛି ଆଲୋଚନା

– ରାଜ୍ୟରେ ୧୪୩ଟି ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ସରକାରଙ୍କ ଲକ୍ଷ୍ୟ

- ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟକୁ ୪୦ ହଜାର ୮୭୦ ଜଣ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ

ଏବଂ

- ଦେଶବ୍ୟାପୀ ପାଳନ କରାଯାଉଛି ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

# ପୁରୀ ଗ୍ଲୋବାଲ ସମିଟ

ଓଡ଼ିଶା ଆଗାମୀ ଦିନରେ ବୈଶ୍ୱିକ ଶକ୍ତି କ୍ଷେତ୍ରରେ ନିର୍ମାଣର କେନ୍ଦ୍ରସ୍ଥଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀରେ ଆୟୋଜିତ ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରଣୀ ଭୂମିକା ବିଷୟବସ୍ତୁ ଉପରେ ଆଧାରିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ଇସ୍ପାତ ଓ ରାସାୟନିକ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ପାଇଁପାରାଦ୍ୱୀପ ବନ୍ଦରକୁ ବିକଶିତ କରାଯାଉଛି। ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରକୁ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କରିଡ଼ର ନିର୍ମାଣ ପାଇଁ ବିକଶିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ସମ୍ମିଳନୀରେ କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗଦେଇ କହିଛନ୍ତି.....

**- V/O -**

ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଯୋଗଦେଇଛନ୍ତି।

BBSR/R

## ବିଧାନସଭା- ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଆଜି ନବମ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ରହିଛି। ପ୍ରଶ୍ନକାଳରେ ଗୃହରେ ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନଶକ୍ତି, ପର୍ଯ୍ୟଟନ, ଅବକାରୀ ଓ ଆଇନ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ସଦସ୍ୟ ରାମଚନ୍ଦ୍ର କାଡ଼ାମ ରାଜ୍ୟରେ ପେଶା ଆଇନକୁ କାର୍ଯ୍ୟକାରୀ କରିବାକୁ ଶୂନ୍ୟକାଳରେ ଦାବି କରିଥିଲେ। ଶୂନ୍ୟକାଳ ପରେ ଗୃହରେ ଦୁଇଟି ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ୫୩୧ କୋଟି ୭୫ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ଉପସ୍ଥାପନ କରିଛନ୍ତି। ସେହିପରି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୪ ହଜାର ୩୨୯ କୋଟି ୪୪ ଲକ୍ଷ ୧୨ ହଜାର ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବିକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଗତ କରିଛନ୍ତି। ଆଲୋଚନାରେ ବିରୋଧୀ ଦଳ ସଦସ୍ୟମାନେ ଭାଗ ନେଇ ନିଜର ବକ୍ତବ୍ୟ ରଖୁଛନ୍ତି। ଆଲୋଚନା ଶେଷରେ ଉଭୟ ବିଭାଗର ମନ୍ତ୍ରୀ ଉତ୍ତର ରଖିବେ।

BBSR/R

## ବିଧାନସଭା– ଓଭରବ୍ରିଜ୍

ରାଜ୍ୟରେ ୧୪୩ଟି ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସଦସ୍ୟ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ ସୂଚନା ଦେଇଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, ୯୬ଟି ପୂର୍ବତଟ ରେଳ ବିଭାଗ ଓ ୯ଟି ଦକ୍ଷିଣ ପୂର୍ବ ରେଳବିଭାଗ ଦ୍ୱାରା ଶତ ପ୍ରତିଶତ ରେଳବାଇ ବିଭାଗ ଖର୍ଚ୍ଚରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅନୁମୋଦନ ମିଳିସାରିଛି। ଅବଶିଷ୍ଟ ୩୮ଟି ରେଳ ଓଭରବ୍ରିଜ୍ ମଧ୍ୟରୁ ୩୨ଟି ରାଜ୍ୟ ସରକାର ଓ ରେଳବାଇ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯିବ। ୬ଟି ରେଳ ଓଭରବ୍ରିଜ୍‌ର ସେତୁ ବନ୍ଧନ ଯୋଜନାରେ କାର୍ଯ୍ୟ କରାଯିବାର ଯୋଜନା ରହିଛି। ଅପରପକ୍ଷେ ଭୁବନେଶ୍ୱର ସମେତ ବଲାଙ୍ଗୀର, ବାଲେଶ୍ୱର, କଟକ ଆଦି ୬ଟି ଜିଲ୍ଲାରେ ରିଙ୍ଗ୍‌ରୋଡ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୃହରେ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ରୋଡ୍ ସୁରକ୍ଷା ସେଲ୍ ଦ୍ୱାରା ୬୮ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଛି। ରାଜ୍ୟ ସଡ଼କ ପରିବହନ ପ୍ରାଧିକରଣଙ୍କ ସହଯୋଗରେ ନୂତନ ବ୍ଲାକସ୍ପଟ୍ ଚିହ୍ନଟ କରାଯାଉଛି। ବିଭାଗ ଦ୍ୱାରା ୬ ହଜାର ୬୬୮ କିଲୋମିଟର ରାସ୍ତାର ସଡ଼କ ସୁରକ୍ଷାର ଅଡିଟ୍ କରିବା ପାଇଁ ନୂଆଦିଲ୍ଲୀସ୍ଥିତ ସି.ଏସ୍.ଆଇ.ଆର୍.– ସି.ଆର୍.ଆର୍.ଆଇ.କୁ ଦାୟିତ୍ୱ ଦିଆଯାଇଛି।

BBSR/R

## ବିଧାନସଭା– ପର୍ଯ୍ୟଟକ

ରାଜ୍ୟକୁ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୪୦ ହଜାର ୮୭୦ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୃହରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏଥିସହ ତିନି ବର୍ଷ ମଧ୍ୟରେ ରାଜ୍ୟକୁ ମୋଟ୍ ୧ ଲକ୍ଷ ୨୦ ହଜାର ୬୮୬ ଜଣ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ପର୍ଯ୍ୟଟନର ଅଭିବୃଦ୍ଧି ପାଇଁ ସରକାର ଏକାଧିକ ପଦକ୍ଷେପମାନ ଗ୍ରହଣ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀମାନଙ୍କରେ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଉଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

BBSR/R

## ବିଧାନସଭା-ଅଙ୍ଗନବାଡ଼ି

ରାଜ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସରକାର ୧୨ ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୃହରେ କହିଛନ୍ତି। ଏହାକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାରଙ୍କ ପ୍ରସ୍ତାବ ରହିଛି। ଚଳିତ ବଜେଟ୍‌ରେ ୧୦ ହଜାର ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଥିବା ନେଇ ଶ୍ରୀମତୀ ପରିଡ଼ା ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତି ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଥିଲା। ସ୍କୁଟର କିଣିବା ପାଇଁ ବ୍ୟାଙ୍କମାନଙ୍କ ଦ୍ୱାରା

ମହିଳମାନଙ୍କୁ ୨୯୨ କୋଟି ୭୦ ଲକ୍ଷ ୯୦ ହଜାର ୮୭୧ ଟଙ୍କା ପ୍ରଦାନ କରାଯାଇଛି । କଟକ ଜିଲ୍ଲାର ସର୍ବାଧିକ ୨ ହଜାର ୭୫୬ ଜଣ ମହିଳା ଉପକୃତ ହୋଇଛନ୍ତି ବୋଲି ଶ୍ରୀମତୀ ପରିଡ଼ା ଗୃହରେ ସୂଚନା ଦେଇଛନ୍ତି ।

HS

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ତିନୋଟି କିସ୍ତିରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବିଧାନସଭାରେ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା କହିଛନ୍ତି, ଯୋଜନାରେ ସାମିଲ ହେବା ପାଇଁ ୬ ଲକ୍ଷ ୨୩ ହଜାର ୫୫୫ ଜଣ ହିତାଧିକାରୀଙ୍କ ଆବେଦନ  ବିଚାରାଧୀନ ରହିଛି । ବିଭିନ୍ନ ମାନଦଣ୍ଡକୁ ବିଚାର କରି ଯୋଜନାରୁ ବର୍ତ୍ତମାନ ସୁଦ୍ଧା ମୋଟ୍  ୧୮ ଲକ୍ଷ ୫୦ ହଜାର ୨୫ ଜଣ ମହିଳାଙ୍କୁ ବାଦ୍ ଦିଆଯାଇଛି ବୋଲି ଗୃହରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

BBSR/R

## ବିଧାନସଭା- ଜଗନ୍ନାଥ ଜମି

ରାଜ୍ୟ ବାହାର ୬ଟି ପ୍ରଦେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୯୫ ଏକର ୨୫୨ ପରିମିତ ଜମି ଚିହ୍ନଟ କରାଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି । ରାଜ୍ୟର ୨୪ଟି ଜିଲ୍ଲାରେ ମହାପ୍ରଭୁଙ୍କ ୬୦ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ରହିଥିବା ବେଳେ ପ୍ରାୟ ୩୮ ହଜାର ଏକ ଜମିର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ

କାର୍ଯ୍ୟାଳୟର ଦଖଲରେ ରହିଛି। ବେଆଇନ୍ ଭାବେ ଅବରୋଧ ହୋଇଥିବା ଶ୍ରୀଜୀଉଙ୍କ ଜମିକୁ ତଦନ୍ତ କରାଯାଇ ଚିହ୍ନଟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

Desk

## ମହାପରିନିର୍ବାଣ ଦିବସ

ଭାରତୀୟ ସମ୍ବିଧାନର ମୁଖ୍ୟ କର୍ଣ୍ଣଧାର ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀରେ ଆଜି ଦେଶବ୍ୟାପୀ ମହାପରିନିର୍ବାଣ ଦିବସ ପାଳନ କରାଯାଉଛି। ଦେଶ ନିର୍ମାଣରେ ଡକ୍ଟର ଆମ୍ବେଦକରଙ୍କ ଅବଦାନକୁ ମନେପକାଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦ ଭବନ ପରିସରରେ ବାବା ସାହେବ ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଡକ୍ଟର ଆମ୍ବେଦକରଙ୍କ ଦୂରଦର୍ଶୀ ନେତୃତ୍ୱ, ନ୍ୟାୟ, ସମାନତା ଏବଂ ସମ୍ବିଧାନ ପ୍ରତି ଅଟଳ ପ୍ରତିବଦ୍ଧତା ଦେଶର ଯାତ୍ରାକୁ ମାର୍ଗଦର୍ଶନ କରିଚାଲିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସାମାଜିକ ନ୍ୟାୟ, ସମାନତା ଓ ମାନବିକ ମର୍ଯ୍ୟଦା ପ୍ରତି ତାଙ୍କର ମହାନ ଆଦର୍ଶ ଦେଶର ଗଣତନ୍ତ୍ରର ଭିତ୍ତିଭୂମିକୁ ସର୍ବଦା ମଜଭୁତ କରି ରଖିବ ।

Puri/Desk

## ଜୟୀ ରାଜଗୁରୁ ଶ୍ରାଦ୍ଧୋତ୍ସବ

ମହାନ୍ ବିପ୍ଳବୀ ସହିଦ୍ ଜୟୀରାଜଗୁରୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ବିଧାନସଭା ଗେଟ୍ ନମ୍ବର ୨ ପାର୍ଶ୍ୱରେ ଥିବା ସହିଦ୍ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି, ଉପବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟ ତଥା ବିଧାୟକଗଣ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟୀ ରାଜଗୁରୁଙ୍କ ଅତୁଳନୀୟ ତ୍ୟାଗ, ଅଦ୍ୟମ ସାହସ ଏବଂ ମାତୃଭୂମି ପାଇଁ ଆତ୍ମବଳିଦାନ ସର୍ବଦା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଛନ୍ତି ।

ପୁରୀ ଜିଲ୍ଲା ବୀରହରେକୃଷ୍ଣପୁର ଗ୍ରାମରେ ଜୟୀରାଜଗୁରୁଙ୍କ ମହପ୍ରୟାଣ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଜୟୀରାଜଗୁରୁଙ୍କ ଶ୍ରଦ୍ଧାଞ୍ଜଳି

ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଆଜିର ଯୁବପିଢ଼ି ଜୟୀରାଜଗୁରୁଙ୍କ ଚରିତ୍ର ଓ ଆଦର୍ଶକୁ ଅନୁସରଣ କରିବାକୁ କହିଥିଲେ ।

Rayagada/Kalahandi

## ଗୃହରକ୍ଷୀ ପ୍ରତିଷ୍ଠା ଦିବସ

କଳହାଣ୍ଡି ଜିଲ୍ଲା ପୁଲିସ ପକ୍ଷରୁ ରିଜର୍ଭ ପୁଲିସ ପଡ଼ିଆରେ ୬୩ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଗୃହରକ୍ଷୀ ବିଭାଗ ସମାଜର ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ବୋଲି କହିଛନ୍ତି ।

ରାୟଗଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଚାନ୍ଦିଲି ରିଜର୍ଭ ପୁଲିସ ପଡ଼ିଆରେ ଏହି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍.କୁମାର ଯୋଗଦେଇ ଅଭିବାଦନ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ ।

BHK

## ଖେଳ ମହୋତ୍ସବ

ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଛି । ବନ୍ତ ବ୍ଲକ ପୁରୁଷୋତ୍ତମପୁର ନେତାଜୀ ଷ୍ଟାଡିୟମ୍‌ଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି ।

Nayagarh

## ଛାତ ଭୁଶୁଡ଼ି ଶ୍ରମିକ ଆହତ

ନୟାଗଡ଼ ଜିଲ୍ଲା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତ ଭୁଶୁଡ଼ି ୪ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଗଣିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

Ganjam

## ଚିନିଶିଳ୍ପ ପରିଷଦ ବୈଠକ

ଗଞ୍ଜାମ ଜିଲ୍ଲାର ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ  ଆଖୁଚାଷ ଓ ଚାଷୀଙ୍କ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।  ଚଳିତଥର ଆଖୁ ଟନ୍ ପିଛା ୩ ହଜାର ୫୦୦ ଟଙ୍କା ଓ ବୋନସ୍ ବାବଦକୁ ୫୦୦ଟଙ୍କା ସର୍ବମୋଟ ୪ ହଜାର ଟଙ୍କା ପ୍ରଦାନ କରିବାକୁ ବୈଠକରେ ସ୍ଥିର କରାଯାଇଛି । ଚଳିତ ବର୍ଷ ୬୦ ହଜାର ଟନ୍ ଆଖୁ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

Desk

# କ୍ରିକେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖ ମଙ୍ଗଳବାର ଦିନ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍

ଖେଳାଯିବ । ଆଜି ଭାରତୀୟ ଦଳର କିଛି ଖେଳାଳି ଭୁବନେଶ୍ୱରରେ ପହଁଞ୍ଚିବେ। ଦକ୍ଷିଣ ଆଫ୍ରିକାର ୫ ଜଣ ଖେଳାଳି ଗତକାଲି ଭୁବନେଶ୍ୱରରେ ପହଞ୍ଚିସାରିଛନ୍ତି । ଅନ୍ୟ ଖେଳାଳିମାନେ ତୃତୀୟ ଦିନିକିଆ ସାରିବା ପରେ ଟିମ୍ ସହ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ମ୍ୟାଚ୍ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟିକେଟ୍ କଳାବଜାରୀ ଘଟଣା ବର୍ତ୍ତମାନ ପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ। ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ କହିଛନ୍ତି।